**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**5 January - 2026**

# ମୁଖ୍ୟ ଶାସନ ସଚିବ-ସମୀକ୍ଷା

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଶ୍ରୀମତୀ ଗର୍ଗ ମଣ୍ଡିଗୁଡ଼ିକରୁ ଠିକ୍ ସମୟରେ ଧାନ କ୍ରୟ କରିବା, ଚାଷୀମାନଙ୍କ ପାଇଁ ମଣ୍ଡିରେ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା, ସାମଗ୍ରିକ ବ୍ୟବସ୍ଥାର ସୁପରିଚାଳନା, କଣ୍ଟ୍ରୋଲ୍ ରୁମ୍‌ର କାର୍ଯ୍ୟକାରିତାକୁ ନିୟମିତ ଭାବେ ତଦାରଖ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଚଳିତ ୨୦୨୫-୨୬ ଧାନ କ୍ରୟ ଋତୁ ପାଇଁ ମୋଟ୍ ୧୯ଲକ୍ଷ ୬୭ହଜାର ୮୧୨ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି । ଗତ ୩ ତାରିଖ ସୁଦ୍ଧା ୧୮ଟି ଜିଲ୍ଲାରେ ପ୍ରାୟ ୧୧ ଲକ୍ଷ ୮୪ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିବା ବୈଠକରୁ ଜଣାପଡ଼ିଛି ।

# ଉଷା ପାଢ଼ୀ-ସମୀକ୍ଷା

ଆମ ବସ୍ ସେବାର ସୁରକ୍ଷା ଓ ପରିଚାଳନା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ୫ ସଦସ୍ୟ ବିଶିଷ୍ଟ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏ

ସଂପର୍କରେ  ଶ୍ରୀମତୀ ପାଢ଼ୀ କହିଛନ୍ତି, କମିଟି ଆମ ବସ୍‌ର ନିୟମିତ ତଦାରଖ, ପରିଚାଳନା ଶୃଙ୍ଖଳାରରେ ଉନ୍ନତି ଏବଂ ସେବାର ସୁରକ୍ଷା ବୃଦ୍ଧି ପ୍ରତି ଦୃଷ୍ଟିଦେବ । କମିଟି ପ୍ରତି ୧୫ ଦିନରେ ଥରେ ବୈଠକ କରିବା ସହ ବିଭିନ୍ନ ସମସ୍ୟାର ସମୀକ୍ଷା କରି ସମାଧାନ ପାଇଁ ପଦକ୍ଷେପ ନେବ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି ।

**V/O**

# ଧାନକିଣା

ଭଦ୍ରକ ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦୨୬ ଖରିଫ ବର୍ଷ ପାଇଁ ଚାଷୀ ସଚେତନତା ରଥ ପରିକ୍ରମା କରୁଛି । ଜିଲ୍ଲାର ଇଛାପୁରର ବ୍ରହ୍ମପୁର ସେବା ସମବାୟ ସମିତିଠାରେ  ଆଜି ଧାନମଣ୍ଡି ଶୁଭାରମ୍ଭ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି । ଜିଲ୍ଲାରେ ୧୩ଲକ୍ଷ ୩୦ ହଜାର କ୍ୱିଣ୍ଟାଲ ଧାନ ଚାଷୀଙ୍କଠାରୁ ପ୍ରଥମ ପର୍ଯ୍ୟାୟରେ କ୍ରୟ କରିବାର ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଛି ।

# ଲୋକ ମହୋତ୍ସବ

କଳାକାରମାନଙ୍କ ସମଷ୍ଟି ସ୍ଥାନୀୟ ଅଞ୍ଚଳର କଳାକୁ ସମୃଦ୍ଧ କରିବ ବୋଲି ୨୮ତମ ସମ୍ବଲପୁର ଲୋକମହୋତ୍ସବ ଓ ପଲ୍ଲୀଶ୍ରୀମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏହି ଲୋକମହୋତ୍ସବ ସମ୍ବଲପୁରକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ମନ୍ତ୍ରୀ

କହିଛନ୍ତି । ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ କଳାକାର ଆସି  ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ ।

# ଧନୁଯାତ୍ରା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ମେଦିନୀପୁର ପଞ୍ଚାୟତରେ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେଉଛି । ସାଂସ୍କୃତିକ କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ  ଯୋଗଦେଇ କହିଛନ୍ତି, ଧନୁଯାତ୍ରା କେବଳ ଏକ ମଞ୍ଚ ଅଭିନୟ ନୁହେଁ, ଏହା ହେଉଛି ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ । ଏଭଳି କାର୍ଯ୍ୟକ୍ରମ ଆମ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି ବୋଲି ଶ୍ରୀ ଗଣ୍ଡ କହିଛନ୍ତି ।

# ଗଣଶିକ୍ଷା ମନ୍ତ୍ରୀ

ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ସହର ମଧ୍ୟରେ ଥିବା ସ୍ୱତନ୍ତ୍ର ଶିକ୍ଷା ଓ ଧନ୍ଦାମୂଳକ ତାଲିମ କେନ୍ଦ୍ର 'ଆଶା କିରଣ' ବୁଲି ଦେଖିଛନ୍ତି। ଅନୁଷ୍ଠାନରେ ଚାଲିଥିବା ଧନ୍ଦାମୂଳକ ଶିକ୍ଷାର ସମସ୍ତ ଦିଗ ଉପରେ ଆଲୋଚନା କରିବା ସହ ଭବିଷ୍ୟତରେ ଛାତ୍ରଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ କରାଇବା ନେଇ ସେ ପରାମର୍ଶ ଦେଇଥିଲେ ।

# ପୁଷ୍ୟାଭିଷେକ

ପୁରୀ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କର ପୁଷ୍ୟାଭିଷେକ ନୀତି ଆଜି ଅନୁଷ୍ଠିତ ହେବ । ଗଜପତି ମହାରାଜ ସିଂହାସନ ଆରୋହଣ କରିବା ପରେ

ସ୍ୱଶାସନ ବ୍ରାହ୍ମଣ ସମେତ ୩୨ କରବାଡ଼ ବ୍ରାହ୍ମଣ ଓ ପଣ୍ଡିତମାନଙ୍କ ପକ୍ଷରୁ ଶ୍ରୀଫଳ ଓ ପଇତା ଆଦି ପ୍ରଦାନ କରି ନୀତି ପାଳନ କରାଯିବ । ପଞ୍ଚଦେବତା ପୂଜା କରାଯିବା ପରେ ଶାସ୍ତ୍ରୀୟ ପୂଜା, ରାମଭିଷେକ ନୀତି କରାଯାଇ ପୁଷ୍ୟା ନକ୍ଷତ୍ର ଯୋଗରେ ଗଜପତି ମହାରାଜଙ୍କର ଅଭିଷେକ କରାଯିବ ।

## ପକ୍ଷୀ ଦିବସ

ପକ୍ଷୀମାନଙ୍କର ସୁରକ୍ଷା ଏବଂ ପରିବେଶ ପ୍ରତି ତାଙ୍କର ଅବଦାନ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ପକ୍ଷୀ ଦିବସ ପାଳନ କରାଯାଉଛି । ରାଜ୍ୟ ପର୍ଯ୍ୟଟନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚିଲିକାଠାରେ ଆସନ୍ତାକାଲିଠାରୁ ପକ୍ଷୀ ମହୋତ୍ସବ ଆୟୋଜିତ ହେବ । ଏହି ମହୋତ୍ସବ ଜୈବ ବିବିଧତାର ସଂରକ୍ଷଣ ସହ ଚିଲିକାରେ ପକ୍ଷୀଙ୍କ ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଖେଳ

କର୍ଣ୍ଣାଟକର ଗୁଞ୍ଜୁରୁର ଠାରେ ଆୟୋଜିତ ୪୪ତମ ଜାତୀୟ କନିଷ୍ଠ ଖୋଖୋ କନିଷ୍ଠ ଚମ୍ପିୟାନ୍‌ସିପରେ ଓଡ଼ିଶା ବାଳିକା ଦଳ ରୌପ୍ୟ ପଦକ ବିଜୟୀ ହୋଇଛି । ଫାଇନାଲ୍ ମ୍ୟାଚ୍‌ରେ ମହାରାଷ୍ଟ୍ର ଚମ୍ପିୟାନ୍ ହୋଇଛି ।

ପୁରୁଷ ହକି ଇଣ୍ଡିଅ ଲିଗ୍‌ର ସପ୍ତମ ସଂସ୍କରଣରେ ଗତକାଲି ଚେନ୍ନାଇଠାରେ ଖେଳାଯାଇଥିବା ମ୍ୟାଚ୍‌ରେ କଳିଙ୍ଗ ଲାନ୍‌ସର୍ସ ବିଜୟୀ ହୋଇଛି । ରାଂଚି ରୟାଲ୍‌ସକୁ ୪-୨ ଗୋଲ୍‌ରେ କଳିଙ୍ଗ ଲାନ୍‌ସର୍ସ ପରାସ୍ତ କରି ଏହି ସଫଳତା ହାସଲ କରିଛି ।

# ପାଣିପାଗ

ରାଜ୍ୟରେ ଶୀତର ଲହରି ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜିଠାରୁ ସର୍ବନିମ୍ନ ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଗତକାଲି ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୬ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡ଼ି ହେବା ନେଇ ଯାଜପୁର, ନୟାଗଡ଼, କଟକ, ଖୋର୍ଦ୍ଧା, ଗଞ୍ଜାମ, ଢ଼େଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।